ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/OLLC(Od)/1106/07-10-2023**

# କର୍ମସ୍ଥଳୀରେ କିପରି ଚାପମୁକ୍ତ ରହିବା ସଂପର୍କିତ ବକ୍ତୃତା ଅନୁଷ୍ଠିତ

ଭୁବନେଶ୍ୱର,୦୭/୧୦/୨୦୨୩:

ସମୟ ସହ ତାଳଦେଇ ପରିବର୍ତ୍ତିତ ଜୀବନଶୈଳୀର ପ୍ରଭାବ କାର୍ଯ୍ୟଦକ୍ଷତା ଉପରେ ବେଶ୍ ପ୍ରଭାବ ପକାଇଥାଏ । ବୈଷୟିକ ଜ୍ଞାନକୌଶଳ ସହ ପ୍ରଭାବୀ କାର୍ଯ୍ୟଦକ୍ଷତା ଆଜିର ସମୟର ଆହ୍ୱାନ ହୋଇଥିବାରୁ ବିଭିନ୍ନ କ୍ଷେତ୍ରରେ ନିୟୋଜିତ ବ୍ୟକ୍ତି ତଥା କର୍ମଚାରୀ ଭିନ୍ନ ଭିନ୍ନ କାରଣ ବଶତଃ ମାନସିକ ଚାପରେ ରହୁଥିବା ପରିଲକ୍ଷିତ ହୋଇଥାଏ । କର୍ମ ତଥା କାର୍ଯ୍ୟାଳୟଜନିତ ଚିନ୍ତାରୁ ମୁକ୍ତ ରହିବା ନିମନ୍ତେ 'କର୍ମସ୍ଥଳୀରେ କିପରି ଚାପମୁକ୍ତ ରହିବା' ଶୀର୍ଷକ ବିଷୟ ଉପରେ ଏକ ବକ୍ତୃତା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଶ୍ରୀ ଦିଲୀପ ରାଉତରାଏ ଏହା ଉପରେ ବକ୍ତବ୍ୟ ରଖିଥିଲେ ।

ଶ୍ରୀ ରାଉତରାଏ ବିଭିନ୍ନ ସମୟରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ସମେତ ଦେଶର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଏପରି ଆଲୋଚନା ଚକ୍ରରେ ଭାଗନେଇ ନିଜର ବକ୍ତୃତା ରଖିଥାନ୍ତି । ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଚାପମୁକ୍ତ କର୍ମଶୈଳୀ ଉପରେ ବକ୍ତବ୍ୟ ରଖିବାକୁ ଅନୁରୋଧ କରିବା ପରେ ଶ୍ରୀ ରାଉତରାଏଙ୍କ ଅଧ୍ୟକ୍ଷତାରେ ଆଜି ଏହା ଅନୁଷ୍ଠିତ ହୋଇଛି ।

ଏକ ସର୍ବେକ୍ଷଣ ଅନୁଯାୟୀ ପ୍ରାୟ ଅଶୀ ପ୍ରତିଶତ ରୋଗ ଅବସାଦଜନିତ ହୋଇଥିବାବେଳେ ଅତ୍ୟଧିକ ମାନସିକ ଚାପ କାରଣରୁ ବିଶ୍ୱରେ ବାର୍ଷିକ ପ୍ରାୟ ୪ କୋଟି କର୍ମଦିବସ ନଷ୍ଟ ହୋଇଥାଏ । ଏହା ଅର୍ଥନୀତି ଏବଂ ସମାଜ ଉପରେ ନକାରାତ୍ମକ ପ୍ରଭାବ ପକାଇଉଥିବା ଶ୍ରୀ ରାଉତରାଏ କହିଥିଲେ । ସମୟାନୁଯାୟୀ ପରିବର୍ତ୍ତନ ଜୀବନର ଧ୍ରୁବ ସତ୍ୟ ହୋଇଥିବାରୁ ଏହାକୁ ଗ୍ରହଣ କରବା ନିତାନ୍ତ ଆବଶ୍ୟକ । ପରିବାରର ଚାପକୁ କର୍ମକ୍ଷେତ୍ରରୁ ଏବଂ କାର୍ଯ୍ୟାଳୟର ଚାପକୁ ଘରଠାରୁ ଦୂରେଇ ରଖିପାରିଲେ ଏକ ସନ୍ତୁଳିତ ଜୀବନଶୈଳୀ ଜିଇଁବା ସମ୍ଭବ ହୋଇଥାଏ । କର୍ମକ୍ଷେତ୍ରରେ ବହୁଳ କାର୍ଯ୍ୟବ୍ୟସ୍ତତା ଏବଂ ଅକାରଣ ଚିନ୍ତାରୁ ମୁକ୍ତି ପାଇବା ପାଇଁ କ'ଣ କରିବାକୁ ହେବ ଏହା ଉପରେ ମଜାଦାର ଆଲେଖ୍ୟମାନ ସେ ଉପସ୍ଥାପନ କରିଥିଲେ । ପ୍ରତିଟି ମୁହୂର୍ତ୍ତରେ ସକାରାତ୍ମକ ଚିନ୍ତା ସହ ଈଶ୍ୱର ବିଶ୍ୱାସୀ ହିଁ ଆଗକୁ ବଢ଼ିବାକୁ ପ୍ରେରଣା ଦିଏ ବୋଲି ସେ କହିଥିଲେ ।

ଏହି ଅବସରରେ ବିଭାଗୀୟ ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚିସ୍ମିତା ମନ୍ତ୍ରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସୁବୋଧ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ବରିଷ୍ଠ ଅଧିକାରୀ, ବିଭିନ୍ନ ଏକାଡେମୀ ସଭାପତି ଓ ସଂପାଦକ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଓ କୁଳସଚିବ, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଅନ୍ୟ ବ୍ୟକ୍ତିବିଶେଷ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

ଜିତେନ୍ଦ୍ରୀୟ ଜେନା
ସୂଚନା ଅଧିକାରୀ